# NATIONAL NEWS BULLETIN (ODIA)
## 1 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନାଗରିକତା ସଂଶୋଧନ ନିୟମ ୨୦୨୬କୁ ଅଧିସୂଚୀତ କଲେ କେନ୍ଦ୍ର ସରକାର ।
- ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୭୦୦ କୋଟି ଟଙ୍କାର ୮୨୭ଟି ପ୍ରକଳ୍ପର ଶୁଭାରମ୍ଭ ।

– କୌଣସି ଗ୍ରାମକୁ ମୌଳିକ ସୁବିଧାରୁ ବଞ୍ଚିତ କରାଯିବ ନାହିଁ, କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

- ପଶ୍ଚିମବଙ୍ଗର ୧୫ଟି ମତଦାନ କେନ୍ଦ୍ରରେ ପୁନଃ ମତଦାନ ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ।
- ଜବଲପୁର ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ।

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ରାଜସ୍ଥାନ ରୟାଲ୍ସ ।

## ଏମ୍‌ଏଚ୍‌ଏ-ସିଟିଜେନସିପ୍

କେନ୍ଦ୍ର ସରକାର ନାଗରିକତା ସଂଶୋଧନ ନିୟମ-୨୦୨୬କୁ ଅଧିସୂଚିତ କରିଛନ୍ତି। ଏଥିରେ ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ– ଓ.ସି.ଆଇ. କାର୍ଡଧାରୀ ଏବଂ ନାଗରିକତା ଆବେଦନ ସମ୍ବନ୍ଧୀୟ ସଂଶୋଧନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି। ଗୃହ ମନ୍ତ୍ରଣାଳୟ ନାଗରିକତ୍ୱ ନିୟମ-୨୦୦୯ରେ ପରିବର୍ତ୍ତନ ଆଣି ଏକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସଂଶୋଧନକୁ ଅଧିସୂଚିତ କରିଛି। ମନ୍ତ୍ରଣାଳୟ କହିଛନ୍ତି, ଜଣେ ନାବାଳକ ଭାରତୀୟ ପାସ୍‌ପୋର୍ଟ୍ ରଖି ଏକ ସମୟରେ ଅନ୍ୟ କୌଣସି ଦେଶର ପାସପୋର୍ଟ ରଖିପାରିବ ନାହିଁ। ବିଜ୍ଞପ୍ତି ଅନୁଯାୟୀ, ଓ.ସି.ଆଇ କାର୍ଡ ପଞ୍ଜୀକରଣ ଏବଂ ପରିତ୍ୟାଗ ପାଇଁ ସମସ୍ତ ଆବେଦନ ଏବେ ଅଫିସିଆଲ ପୋର୍ଟାଲ ମାଧ୍ୟମରେ ଦାଖଲ କରାଯିବ। ଓ.ସି.ଆଇ କାର୍ଡଧାରୀମାନେ ପଞ୍ଜୀକରଣ ପାଇଁ ଆବେଦନଗୁଡ଼ିକ ଅନଲାଇନ୍ ପୋର୍ଟାଲରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ।

## ଗଭ୍.-ଅନ୍‌ଲାଇନ୍ ଗେମିଂ

ଦେଶରେ ଆଜିଠାରୁ ଅନ୍‌ଲାଇନ୍ ଗେମିଂ ନିୟମାବଳୀ ୨୦୨୬ କାର୍ଯ୍ୟକାରୀ ହୋଇଛି । ଯାହା ଭାରତର ଦ୍ରୁତ ବିସ୍ତାରିତ ଅନ୍‌ଲାଇନ୍ ଗେମିଂ କ୍ଷେତ୍ରକୁ ନିୟନ୍ତ୍ରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ନିୟମାବଳୀ ଅନ୍‌ଲାଇନ୍ ଗେମିଂ ଆଇନ୍ ୨୦୨୫ ସ୍ଥାନରେ କାର୍ଯ୍ୟ କରିବ । ଏହା ଉପଯୋଗକର୍ତ୍ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଶିଳ୍ପରେ ନବସୃଜନ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ନୂତନ ଢାଞ୍ଚାରେ ସୁଯୋଗ, ଦକ୍ଷତା କିମ୍ବା ଉଭୟର ମିଶ୍ରଣ ଉପରେ ଆଧାରିତ ଅନ୍‌ଲାଇନ୍ ଟଙ୍କା ଖେଳକୁ ନିଷେଧ କରାଯାଇଛି ।  ଏହାର ଉଲ୍ଲଙ୍ଘନ ହେଲେ ଜେଲ୍ ଏବଂ ଜରିମାନା ସହିତ କଠୋର ଦଣ୍ଡ ବିଧାନାର ବ୍ୟବସ୍ଥା ରହିଛି । ଏହି ନିୟମାବଳୀ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଭାରତୀୟ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷଙ୍କୁ ଏକ ଏକୀକୃତ ନିୟାମକ ଭାବେ ଉପସ୍ଥାପିତ କରୁଛି ।

## ଶିବରାଜ ସିଂହ-ଓଡ଼ିଶା

ଓଡ଼ିଶାର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ

ପର୍ଯ୍ୟାୟର ଶୁଭାରମ୍ଭ ହୋଇଯାଇଛି । ରାୟଗଡ଼ା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି, କୃଷକ କଲ୍ୟାଣ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇ କହିଛନ୍ତି, ସର୍ବାଙ୍ଗୀନ ବିକାଶ ଓ ପ୍ରଗତି ହିଁ ବର୍ତ୍ତମାନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । କୌଣସି ବି ଗ୍ରାମକୁ ମୌଳିକ ସୁବିଧାରୁ ବଞ୍ଚିତ କରାଯିବ ନାହିଁ । କୃଷି କ୍ଷେତ୍ରେରେ ଓଡ଼ିଶାକୁ ଆଗେଇ ନେବା ପାଇଁ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା ପାଇଁ ଏକ ବୈଜ୍ଞାନିକ ଦଳ ଆସିବେ । ଓଡ଼ିଶାର ପ୍ରତ୍ୟେକ କୃଷି ଭିତ୍ତିକ ଗ୍ରାମକୁ ଏକ ବିହନ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ପ୍ରୟାସ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି **।VO-**

ଚତୁର୍ଥ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ରାଜ୍ୟର ୮ଟି ଜିଲ୍ଲା ପାଇଁ ୧ ହଜାର ୬୯୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧ ହଜାର ୭୦୧ କିଲୋମିଟର ଦୈର୍ଘ୍ୟର ୮୨୭ଟି ସଡ଼କ ପ୍ରକଳ୍ପ ନିର୍ମାଣ କରାଯିବ।

# ଇସିଆଇ

ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗର ୧୫ଟି ମତଦାନ କେନ୍ଦ୍ରରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ମଗରାହାଟ ପଶ୍ଚିମ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ଟି ମତଦାନ କେନ୍ଦ୍ର ଏବଂ ଡାଇମଣ୍ଡ

ହାର୍‌ବର୍ ବିଧାନସଭା ନିର୍ବାଚନ ମଣ୍ଡଳୀ ୪ଟି ମତଦାନ କେନ୍ଦ୍ରରେ ଆସନ୍ତାକାଲି ପୁନଃ ମତଦାନ ହେବ । ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ମଧ୍ୟରେ ଶେଷ ହେବ । ଆୟୋଗ କହିଛନ୍ତି, ସମ୍ପୃକ୍ତ ରିଟର୍ଣ୍ଣିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କଠାରୁ ମିଳିଥିବା ରିପୋର୍ଟ୍ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । କମିଶନ୍ ସେହି ମତଦାନ କେନ୍ଦ୍ରଗୁଡ଼ିକର ପୂର୍ବରୁ ହୋଇଥିବା ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି ।

## ରିଲିକ୍ସ ସାହା ଲେହ

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଲେହର ଜୀବଶ୍ଥଳଠାରେ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଲଦାଖର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ଶାହା କହିଛନ୍ତି, ୭୫ ବର୍ଷ ପରେ ବୁଦ୍ଧଙ୍କ ପବିତ୍ର ଅବଶେଷ ଲଦାଖକୁ ଆସିଛି। ଭଗବାନ ବୁଦ୍ଧଙ୍କ ଜ୍ଞାନ ତାଙ୍କ ଦେହାବଶେଷାର ୨ ହଜାର ୫୦୦ ବର୍ଷ ପରେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି।  ଏହା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଐତିହାସିକ ପୁର୍ନମିଳନ ବୋଲି ଶ୍ରୀ ଶାହା କହିଛନ୍ତି।

# ଇଡି-ଡେ ସେଲିବ୍ରେସନ୍

ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇ.ଡି.କୁ ଆର୍ଥିକ ଅପରାଧ ବିରୁଦ୍ଧରେ ଦେଶକୁ ସୁରକ୍ଷା ପ୍ରଦାନ କରୁଥିବା ଢାଲ ବୋଲି କହିଛନ୍ତି । ନୂଆଦିଲ୍ଲୀରେ ଆଜି ୭୦ତମ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଇ.ଡି.କୁ ଦିଆଯାଇଥିବା କ୍ଷମତା ଅର୍ଥନୈତିକ ଅପରାଧ, କଳାଧନ କାରବାର, ବେନାମି ସମ୍ପତ୍ତି ଏବଂ କର୍ପରେଟ୍ ଠକେଇ ଭଳି ଆର୍ଥିକ ଅପରାଧର ମୁକାବିଲା କରିବା ପାଇଁ ଉଦ୍ଦିଷ୍ଟ । କୌଣସି ବ୍ୟକ୍ତିବିଶେଷଙ୍କୁ  ଟାର୍ଗେଟ୍ କରିବା ପାଇଁ ନୁହେଁ । ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଇ.ଡି. ପ୍ରାୟ ୨ ଲକ୍ଷ ୩୬ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି, ଯାହା ମଧ୍ୟରୁ ୬୩ ହଜାର କୋଟି ଟଙ୍କା ବ୍ୟାଙ୍କ, ନିବେଶକ ଏବଂ ଗୃହ କ୍ରେତାଙ୍କ ସମେତ ପ୍ରକୃତି ମାଲିକମାନଙ୍କୁ ଫେରସ୍ତ କରାଯାଇଛି ବୋଲି ରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ବର୍ତ୍ତମାନର ଉଦୀୟମାନ ସାଇବର ଠକେଇ  ଏବଂ ଅନ୍‌ଲାଇନ୍ ଆର୍ଥିକ ଅପରାଧ ଚିନ୍ତା ବୃଦ୍ଧି କରୁଥିବା ବେଳେ ସେଗୁଡ଼ିକ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ଦୃଢ଼ ସହଯୋଗ ପାଇଁ ଶ୍ରୀ ଚୌଧୁରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛନ୍ତି ।

ଏହି ଅବସରରେ ଶ୍ରୀ ଚୌଧୁରୀ ଜୟପୁର ଜୋନାଲ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରାହୁଲ ନବୀନ କହିଛନ୍ତି, ଆର୍ଥିକ ଅପରାଧର ପ୍ରକୃତି ବ୍ୟାଙ୍କ୍ ଠକେଇ ଏବଂ କର୍ପୋରେଟ୍ ଠକେଇରୁ କ୍ରିପ୍ଟୋ କରେନ୍‌ସି ଠକେଇ, ସାଇବର ସକ୍ଷମ ଅପରାଧ, ଆତଙ୍କବାଦ ପାଣ୍ଠି ଏବଂ ନିଶାଦ୍ରବ୍ୟ ଚାଲାଣ ଆଡ଼କୁ ଗତି କରିଛି । ନିର୍ଦ୍ଦେଶାଳୟ ଏହି ବିପଦ ଗୁଡ଼ିକର ମୁକାବିଲା ପାଇଁ ଏକ ସୁ-ନିୟୋଜିତ ରଣନୀତି ସହିତ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି ଇ.ଡି. ନିର୍ଦ୍ଦେଶକ କହିଛନ୍ତି ।

## ଜବଲପୁର ବୋଟ୍ ଟ୍ରାଜେଡି

ମଧ୍ୟପ୍ରଦେଶର ଜବଲପୁରରେ କ୍ରୁଜ୍ ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଗତକାଲି ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା । ୩୯ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ କ୍ରୁଜ୍ ଡଙ୍ଗା ହଠାତ୍ ପ୍ରବଳ ଝଡ଼ର ସମ୍ମୁଖୀନ ହୋଇ ଖମାରିଆ ଦ୍ୱୀପ ନିକଟବର୍ତ୍ତୀ ବର୍ଗି ନଦୀରେ ବୁଡ଼ି ଯାଇଥିଲା । ୨୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ୪ ଜଣ ଏବେବି ନିଖୋଜ ଅଛନ୍ତି । ପ୍ରାୟ ୨୦ ଫୁଟ୍ ଗଭୀରତାକୁ ବୁଡ଼ିଯାଇଥିବା କ୍ରୁଜ୍‌କୁ ସଫଳତାର ସହ କୂଳକୁ ଅଣାଯାଇଛି ।

ଏସ୍.ଡି.ଆର୍.ଏଫ୍., ପୁଲିସ୍ ଏବଂ ହୋମ୍‌ଗାର୍ଡ୍‌ର ମିଳିତ ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ କରୁଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଶ୍ରୀ ମୋଦୀ ମୃତକଙ୍କ ନିକଟତମ ପରିଜନଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ଡଙ୍ଗାବୁଡ଼ି ଘଟଣାରେ ପ୍ରାଣହାନୀ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୋକବ୍ୟକ୍ତ କରିଛନ୍ତି । ଶ୍ରୀ ସିଂହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟକାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍. କର୍ମଚାରୀଙ୍କ ତ୍ୱରିତ ପ୍ରତିକ୍ରିୟା ଯୋଗୁଁ ଅନେକ ଜୀବନ ବଞ୍ଚାଇଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କିଛି ଲୋକ ଠିକ୍ ଭାବେ ସେମାନଙ୍କର ଲାଇଫ୍ ଜ୍ୟାକେଟ୍ ପିନ୍ଧି ନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଘଟଣାର ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ନୋଏଡ଼ା ଏୟାର୍‌ପୋର୍ଟ୍

ନୋଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦର ୧୫ ଜୁନ୍ ୨୦୨୬ ଠାରୁ ବାଣିଜ୍ୟିକ ବିମାନ ସେବା ଆରମ୍ଭ କରିବାର ଘୋଷଣା କରିଛି । ଯାହା ଜାତୀୟ ରାଜଧାନୀ କ୍ଷେତ୍ର ଏବଂ ଉତ୍ତର ଭାରତରେ ଯାତ୍ରୀ, ବିମାନସେବା ପ୍ରଦାନକାରୀ ଏବଂ କାର୍ଗୋ ଅପରେଟରମାନଙ୍କ ପାଇଁ ନୂତନ ପ୍ରବେଶପଥ ଉନ୍ମୋଚନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବିମାନ ବନ୍ଦରର ଉଦ୍‌ଘାଟନ ଏବଂ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋରୁ ଏରୋଡ୍ରମ୍ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଅନୁମୋଦନ ମିଳିବା ପରେ ସେବା ଆରମ୍ଭ ହୋଇଛି । ନୋଏଡା ଆନ୍ତର୍ଜାତିକ ବିମାନ ବନ୍ଦର ବୃହତ ରାଜଧାନୀ ଅଞ୍ଚଳ ଏବଂ ପଶ୍ଚିମ ଉତ୍ତରପ୍ରଦେଶକୁ ଭାରତ ଓ ବିଶ୍ୱର ଅନ୍ୟାନ୍ୟ ସହର ସହିତ ସଂଯୋଗ କରିବ । ଏହା ଦେଶର ସବୁଠାରୁ ବଡ଼ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ପ୍ରକଳ୍ପ ମଧ୍ୟରୁ ଗୋଟିଏ ।

## ଇଣ୍ଡିଆ-ତାଞ୍ଜାନିଆ ଟ୍ରେଡ୍ କମିଟି

ଦ୍ୱିପାକ୍ଷିକ ବାଣିଜ୍ୟ, ନିବେଶ ଏବଂ ଆର୍ଥିକ ସହଯୋଗକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଦୁଇ ଦିନିଆ ଭାରତ-ତାଞ୍ଜାନିଆ ମିଳିତ ବାଣିଜ୍ୟ କମିଟିର ପଞ୍ଚମ ଅଧିବେଶନ ତାଞ୍ଜାନିଆରେ ଶେଷ ହୋଇଛି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି, ଏହି ଅଧିବେଶନରେ' ଅଗଷ୍ଟ ୨୦୧୭ରେ

ନୂଆଦିଲ୍ଲୀରେ ଅନୁଷ୍ଠିତ ଶେଷ ଅଧିବେଶନ ପରଠାରୁ ହାସଲ ହୋଇଥିବା ପ୍ରଗତିର ସମୀକ୍ଷା କରାଯାଇଥିଲା । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୫-୨୬ରେ ୯ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଥିଲା, ଯାହା ୨୦୨୪-୨୫ରେ ୮ ବିଲିୟନ୍ ଡଲାର୍‌ରୁ ଅଧିକ ରହିଥିଲା । ବୈଠକ ଅବସରରେ ଆଲୋଚନାରେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟକୁ ପ୍ରୋତ୍ସାହନ, ଭାରତୀୟ ବ୍ୟବସାୟୀଙ୍କ ପାଇଁ ଦୀର୍ଘକାଳୀନ ବ୍ୟବସାୟ ଭିସା ସୁବିଧା, ଔଷଧ କ୍ଷେତ୍ରରେ ନିଆମକ ସହଯୋଗକୁ ସୁଦୃଢ଼ କରିବା ଏବଂ ସ୍ୱାସ୍ଥ୍ୟ, ଆୟୁଷ, ଶିକ୍ଷା ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ କ୍ଷମତା ନିର୍ମାଣ ଉପରେ ଆଲୋଚନା ହୋଇଥିଲା ।

## ମିଶ୍ରି-ନେପାଳ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ନେପାଳର ରାଷ୍ଟ୍ରଦୂତ ଡକ୍ଟର ଶଙ୍କର ପ୍ରସାଦ ଶର୍ମାଙ୍କ ବିଦାୟୀ ଉତ୍ସବରେ ଯୋଗଦେଇ ସାକ୍ଷାତ ଆଲୋଚନା କରିଛନ୍ତି । ସାକ୍ଷାତ ସମୟରେ ବୈଦେଶିକ ସଚିବ ନେପାଳ ସହିତ ବହୁମୁଖୀ ସମ୍ପର୍କ ବୃଦ୍ଧି କରିବାରେ ଭାରତର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ । ଶ୍ରୀ ମିଶ୍ରି ଡକ୍ଟର ଶର୍ମାଙ୍କ ଅବଦାନ ପାଇଁ ମଧ୍ୟ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

## କିର୍ତ୍ତୀବର୍ଦ୍ଧନ-ଆଫ୍ରିକାନ୍ ଡେଲିଗେସନ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂହ ଆଫ୍ରିକୀୟ ସଂଘ ସ୍ଥାୟି ପ୍ରତିନିଧି କମିଟିର ଅଧ୍ୟକ୍ଷ ଏବଂ ବୁରୁଣ୍ଡିର ରାଷ୍ଟ୍ରଦୂତ ଓ୍ୱିଲି ନ୍ୟାମିଟଓ୍ୱେଙ୍କ ନେତୃତ୍ୱରେ ଆଫ୍ରିକୀୟ ସଂଘ କମିଶନର ଏକ ପ୍ରତିନିଧି ମଣ୍ଡଳକୁ ଭେଟିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି, ଆଗାମୀ ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମିଟ୍ ପାଇଁ ବହୁମୁଖୀ ସମ୍ପର୍କ ଏବଂ ପ୍ରସ୍ତୁତ ଉପରେ ସେମାନଙ୍କର ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି । ଭାରତ-ଆଫ୍ରିକା ସହଭାଗିତା ଦକ୍ଷିଣ-ଦକ୍ଷିଣ ସହଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ।

## ଡିଫେନ୍ସ-ଫାଇନାନ୍ସ

ଭାରତୀୟ ପ୍ରତିରକ୍ଷା ଆକାଉଣ୍ଟସ୍ ସେବାର ୧୯୯୦ ବ୍ୟାଚ୍ ଅଧିକାରୀ ବିଶ୍ୱଜିତ ସହାୟ ଆଜି ପ୍ରତିରକ୍ଷା ମନ୍ତ୍ରଣାଳୟର ଅର୍ଥ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ନିଯୁକ୍ତି ପୂର୍ବରୁ ସେ ପ୍ରତିରକ୍ଷା ଆକାଉଣ୍ଟସ୍ ମହାନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ ।

## ଆଇଏଫ୍ଏଫ୍ଆଇ ଫେଷ୍ଟିଭାଲ୍ ଡାଇରେକ୍ଟର

ଗୋଆରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.ର ୫୭ତମ ସଂସ୍କରଣ ପାଇଁ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ଗୋୱାରିକରଙ୍କୁ ମହୋତ୍ସବ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ଏହି ସମ୍ମାନଜନକ ମହୋତ୍ସବ ପାଇଁ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ବିଷୟ ବୋଲି ଶ୍ରୀ ଗୋୱାରିକର କହିଛନ୍ତି ।

## ସୁଇମିଂ ରେକର୍ଡ଼

ଝାଡ଼ଖଣ୍ଡର ଜଣେ ୭ ବର୍ଷର ବାଳକ ପକ୍ ପ୍ରଣାଳୀ ଅତିକ୍ରମ କରିବାରେ ସବୁଠାରୁ କମ୍ ବୟସ୍କ ସନ୍ତରଣକାରୀ ହୋଇଛନ୍ତି । ଶ୍ରୀଲଙ୍କା ଏବଂ ଭାରତ ମଧ୍ୟରେ ୨୯ କିଲୋମିଟର ବ୍ୟାପ୍ତ ପକ୍ ପ୍ରଣାଳୀକୁ ପାର୍ କରି ସେ ତାଙ୍କର ବୟସବର୍ଗ ପାଇଁ ରେକର୍ଡ଼ ସୃଷ୍ଟି କରିଛନ୍ତି । ରାଞ୍ଚିର ତୃତୀୟ ଶ୍ରେଣୀର ଛାତ୍ର ଇଶାଙ୍କ ସିଂହ ଶ୍ରୀଲଙ୍କାର ତଲାଇମନାର୍‌ରୁ ତାମିଲନାଡୁର ଧନୁଶକୋଡ଼ି ପର୍ଯ୍ୟନ୍ତ ୯ ଘଣ୍ଟା ୫୦ ମିନିଟ୍ ପହଁରି ପ୍ରଣାଳୀକୁ ଅତିକ୍ରମ କରିଛନ୍ତି । ତାଙ୍କର ଏହି ସଫଳତାକୁ ୟୁନିଭର୍ସାଲ୍ ରେକର୍ଡ଼ସ୍ ଫୋରମ୍ ଦ୍ୱାରା ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।